**ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ,**
**ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧ**

ସଂଖ୍ୟା. ୮୪୬ ତାରିଖ. ୭/୦୮/୨୦୧୯

**ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ ର ବିଜ୍ଞପ୍ତି ।**

***********

ଏତ ଦ୍ୱାରା ବୌଦ୍ଧ ଜିଲ୍ଲାର ହରଭଙ୍ଗା ତହସିଲ ଅଧିନସ୍ଥ ବାଣିଭୂଷଣପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ସିଙ୍ଗାଣିବେଡା, ଭଉଁରିପଥର ଓ ଗୁଣ୍ଡୁରିବେଡା ମୌଜାର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବ ସମ୍ବନ୍ଧରେ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଏବଂ ନ୍ୟାୟସଙ୍ଗତ କ୍ଷତିପୂରଣ ଜନିତ ଅଧିକାର, ପୁନର୍ବାସ ଏବଂ ଥଇଥାନ ଅଧିନିୟମ ୨୦୧୩ ର ଧାରା ୭ ଉପ ଧାରା ୬ ଅନୁସାରେ ସର୍ବସାଧାରଣଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ଅଦ୍ୟ ପ୍ରକାଶନ କରାଗଲା ।

ଚୁଡାନ୍ତ ରିପୋର୍ଟ ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ବାଣିଭୂଷଣପୁର / ତହସିଲ କାର୍ଯ୍ୟାଳୟ ହରଭଙ୍ଗା/ଉପ-ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧରେ ଉପଲବ୍ଧ ହେବ ।

ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀ,
ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ନୂତନ ଓସାରିଆ ରେଳପଥ
ପ୍ରକଳ୍ପ, ବୌଦ୍ଧ

ପରିପତ୍ର ସଂଖ୍ୟା. ୮୪୭(କ) ତାରିଖ. ୭/୦୮/୨୦୧୯

ଏହାର ଏକକିତା ନକଲ ସିଙ୍ଗାଣିବେଡା, ଭଉଁରିପଥର ଓ ଗୁଣ୍ଡୁରିବେଡା ମୌଜାରେ ଜାରି କରାଯିବାକୁ ପ୍ରେରଣ କରାଗଲା ।

ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀ,
ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ନୂତନ ଓସାରିଆ ରେଳପଥ
ପ୍ରକଳ୍ପ, ବୌଦ୍ଧ

ପରିପତ୍ର ସଂଖ୍ୟା. ୮୪୮ ତାରିଖ ୭/୦୮/୨୦୧୯

ଏହାର ଏକକିତା ନକଲ ସାମାଜିକ ପ୍ରଭାବ ଆକଳନ ବିବରଣୀ ସହ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଣିଭୂଷଣପୁର ଗ୍ରାମ ପଂଚାୟତଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀ,
ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ନୂତନ ଓସାରିଆ ରେଳପଥ
ପ୍ରକଳ୍ପ, ବୌଦ୍ଧ

ପରପୃଷ୍ଠା

ପରିପତ୍ର ସଂଖ୍ୟା. ୮୪୬(୮) ତାରିଖ. ୭/୦୮/୨୦୧୬

ଏହାର ଏକକିତା ନକଲ ଜିଲ୍ଲାପାଳ, ବୌଦ୍ଧ/ ଉପ-ଜିଲ୍ଲାପାଳ, ବୌଦ୍ଧ / ତହସିଲଦାର, ହରଭଙ୍ଗା /ଶାସନ ସଚିବ, ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତ, ବ୍ରହ୍ମପୁର/ ସ୍ୱତନ୍ତ୍ର ଶାସନ ସଚିବ, ବାଣିଜ୍ୟ ଓ ପରିବହନ(ପରିବହନ) ବିଭାଗ, ଭୁବନେଶ୍ୱର / ଯୁଗ୍ମ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଭୁବନେଶ୍ୱର /ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ) ପୂର୍ବତଟ ରେଳବାଇ, ବଲାଙ୍ଗୀର / ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲେପମେଣ୍ଟ ଷ୍ଟଡିଜ, ଭୁବନେଶ୍ୱରଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ଜଣାଇ ଦିଆଗଲା ।

ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀ,
ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ନୂତନ ଓସାରିଆ ରେଲପଥ
ପ୍ରକଳ୍ପ, ବୌଦ୍ଧ

ପରିପତ୍ର ସଂଖ୍ୟା. ୮୫୦ ତାରିଖ. ୭/୦୮/୨୦୧୬

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ଜାତୀୟ ସୂଚନା କେନ୍ଦ୍ର, ବୌଦ୍ଧ ଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନଟି ଜିଲ୍ଲାପାଳଙ୍କ ୱେବସାଇଟରେ ଯଥା ଶୀଘ୍ର ପ୍ରକାଶନ କରିବେ ।

ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀ,
ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ନୂତନ ଓସାରିଆ ରେଲପଥ
ପ୍ରକଳ୍ପ, ବୌଦ୍ଧ

## ତା.୨୪.୦୭.୨୦୧୯ ରିଖ ସମୟ ଅପରାହ୍ନ ଘ.୪.୦୦ ରେ ଆହ୍ୱାନ କରାଯାଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳଙ୍କ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ଉପରେ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ ।

**************

(ବୌଦ୍ଧ ଜିଲ୍ଲାରେ ହରଭଙ୍ଗା ତହସିଲର ୦୩ ଗୋଟି ଗ୍ରାମରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ସଂଯୋଗିକରଣ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମ୍ବନ୍ଧେ ।)

### ବୈଧାନିକ ବ୍ୟବସ୍ଥା

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ସଂଯୋଗିକରଣ ପ୍ରକଳ୍ପ ବୌଦ୍ଧ ଜିଲ୍ଲାର ହରଭଙ୍ଗା ତହସିଲ ଅନ୍ତର୍ଗତ ୦୩ ଗୋଟି ଗ୍ରାମରେ ଏ ୪୮.୩୨୦ ଡି. ବ୍ୟକ୍ତିଗତ ମାଲିକାନା ଭୁକ୍ତ ଜମି ଅଧିଗ୍ରହଣ ନିମନ୍ତେ ପୂର୍ବତଟ ରେଳପଥ ଅଧିକାରୀଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତ୍‌ସମ୍ପର୍କେ ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁର୍ନବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନ ମତେ ଅଧିସୂଚନା **ସଂଖ୍ୟା.୫୬୫୭ ତା.୧୮.୦୨.୨୦୧୯** ରିଖରେ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

**ଅଧିସୂଚନା**

| କ୍ର. ନଂ. | ତହସିଲ | ଗ୍ରାମ ପଂଚାୟତ | ମୌଜା | ରକବା (ଏକର) |
|---|---|---|---|---|
| ୧. | ହରଭଙ୍ଗା | ବାଣିଭୂଷଣପୁର | ଭଉଁରିପଥର | ଏ.୯.୯୭୦ |
| ୨. | | | ସିଙ୍ଗାଣିବେଡା | ଏ.୧୩.୪୯୦ |
| ୩. | | | ଗୁଣ୍ଡୁରିବେଡା | ଏ.୨୪.୮୬୦ |
| | | | ମୋଟ | ଏ.୪୮.୩୨୦ |

### ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଓଡିଶା ସରକାରଙ୍କ ଅଧିସୂଚନା ମତେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲେପମେଣ୍ଟ ଷ୍ଟଡିଜ (ଏନ୍.ସି.ଡି.ଏସ୍.) ଭୁବନେଶ୍ୱରଙ୍କୁ ନ୍ୟସ୍ତ କରାଯାଇଥିଲା । ତତ୍‌ପଶ୍ଚାତ୍ ନବକୃଷ୍ଣ ଉନ୍ନୟନ କେନ୍ଦ୍ର, ସେଣ୍ଟର ଫର୍ ୟୁଥ ଆଣ୍ଡ ସୋସିଆଲ ଡେଭଲେପମେଣ୍ଟ ସଂସ୍ଥା, ଭୁବନେଶ୍ୱର ଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଅବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେକରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସଂପୂର୍ଣ୍ଣ ବିବରଣୀ, ଜିବୀକା ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାସ ପତ୍ର, ପ୍ରଭାବିତ ହେବାକୁ ଥିବାଘର, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳି ପ୍ରଭୃତି ସାକ୍ଷାତକାର ସୂଚିରେ ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ୍.ଆଇ.ଏମ୍.ପି) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

### ଜନଶୁଣାଣୀ(ଧାରା-୫)

ଉଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣ ଥଇଥାନ ଓ ପୁନର୍ବାସ ଆଇନ,୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଂଚଳ ଗୁଡିକରେ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ନିମ୍ନ ମତେ ଯଥେଷ୍ଟ ପୂର୍ବରୁ ନୋଟିସ ଏବଂ ପ୍ରଚାର ମାଧ୍ୟମରେ ଜଣାଇ ଦିଆଯାଇଥିଲା ।

| ତାରିଖ | ସମୟ | ଗ୍ରାମ | ଜନଶୁଣାଣୀରସ୍ଥାନ |
|---|---|---|---|
| ୨୮.୫.୨୦୧୯ | ପୂର୍ବାହ୍ନ ଘ.୧୦.୦୦ | ଭଉଁରିପଥର | ବାଣିଭୂଷଣପୁର ଗ୍ରା.ପ. କାର୍ଯ୍ୟାଳୟ |
| | | ସିଙ୍ଗାଣିବେଡା | |
| | | ଗୁଣ୍ଡୁରିବେଡା | |

ଆୟୋଜିତ ଜନଶୁଣାଣୀ କାର୍ଯ୍ୟ ଗୋଟିଏ ଜନଶୁଣାଣୀ ବୈଠକ ମାଧ୍ୟମରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣୀର ବିଷଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି । ଜନଶୁଣାଣୀ ସମୟରେ କ୍ଷତିଗ୍ରସ୍ତ ତଥା ଗ୍ରାମବାସୀମାନେ ବହୁସଂଖ୍ୟା ରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବାସହ ନିଜର ଜମିକୁ ରେଳ ବିଭାଗକୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଜନଶୁଣାଣୀ ସମୟରେ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରୀ ଗଣ ଉପସ୍ଥିତ ଥିଲେ ।

୧. ଶ୍ରୀଯୁକ୍ତ ରମକାନ୍ତ ସେଠୀ, ଓ.ପ୍ର.ସେ, ଅତିରିକ୍ତ-ଜିଲ୍ଲାପାଳ, ବୌଦ୍ଧ ।
୨. ଶ୍ରୀଯୁକ୍ତ ଏନ୍. ସି ଜ୍ୟୋତିରଂଜନ ନାୟକ, ଓ.ପ୍ର.ସେ, ଉପ-ଜିଲ୍ଲାପାଳ, ବୌଦ୍ଧ ।
୩. ଶ୍ରୀଯୁକ୍ତ ଦେବେଶ ବିଶ୍ୱାଳ, ଓ.ପ୍ର.ସେ, ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ,ବୌଦ୍ଧ ।
୪. ଶ୍ରୀ ବିକ୍ରମ କୁମାର ପ୍ରଧାନ, ବରିଷ୍ଠ ଅନୁଭାଗ ଯନ୍ତ୍ରୀ (ନିର୍ମାଣ) ପୂର୍ବତଟ ରେଳପଥ, ବଲାଙ୍ଗୀର ।
୫. ଶ୍ରୀମତି ରାଜଲକ୍ଷ୍ମୀ ପାତ୍ର, ସରପଂଚ ବାଣିଭୂଷଣପୁର ।
୬. ଶ୍ରୀମତି ହରିପ୍ରିୟା ମେହେର, ସି.ଡି.ପି.ଓ, ହରଭଙ୍ଗା ।
୭. ଶ୍ରୀ ପ୍ରଫୁଲ୍ଲ କୁମାର ରାଉତ,ଦଳମୁଖ୍ୟ,ସେଣ୍ଟର ଫର୍ ୟୁଥ ଆଣ୍ଡ ସୋସିଆଲ ଡେଭଲେପମେଣ୍ଟ ସଂସ୍ଥା, ଭୁବନେଶ୍ୱର ।
୮. ଶ୍ରୀ ମନୋଜ କୁମାର ଜେନା, ସଭ୍ୟ, ସେଣ୍ଟର ଫର୍ ୟୁଥ ଆଣ୍ଡ ସୋସିଆଲ ଡେଭଲେପମେଣ୍ଟ ସଂସ୍ଥା, ଭୁବନେଶ୍ୱର ।
୯. ଶ୍ରୀ ପରେଶ ପ୍ରସାଦ ମହାପାତ୍ର, ସଭ୍ୟ, ସେଣ୍ଟର ଫର୍ ୟୁଥ ଆଣ୍ଡ ସୋସିଆଲ ଡେଭଲେପମେଣ୍ଟ ସଂସ୍ଥା, ଭୁବନେଶ୍ୱର ।

ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲପାଳ ସଭାପତିତ୍ୱ କରିଥିଲେ । ୦୩ ଗୋଟି ଗ୍ରାମର ଜନଶୁଣାଣୀ ନିମନ୍ତେ ପୂର୍ବାହ୍ନ ଘ.୧୦.୦୦ ରେ ଗୋଟିଏ ସଭା ଅନୁଷ୍ଠିତ କରାଯାଇଥିଲା । ସଭାପତି ସଭାରେ ଅତିଥି ପରିଚୟ ସହ ପ୍ରକଳ୍ପ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଶ୍ରୀ ପ୍ରଫୁଲ୍ଲ କୁମାର ରାଉତ ଏବଂ ଶ୍ରୀ ପରେଶ ପ୍ରସାଦ ମହାପାତ୍ର ମହାଶୟ ୧୮୯୪ ମସିହା ଜମି ଅଧିଗ୍ରହଣ ଆଇନ ଓ ନୂତନ ଭାବେ ପ୍ରଚଳିତ ସଠିକ କ୍ଷତିପୂରଣ ଅଧିକାର ଏବଂ ଜମିଅଧିଗ୍ରହଣ ରେ ସ୍ୱଛତା, ଥଇଥାନ ଓ ପୁନର୍ବାସ ଆଇନ, ୨୦୧୩ ରଏକ ତୁଳନାତ୍ମକ ବୈଶିଷ୍ଟ ରୂପରେଖ କରିଥିଲେ । ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକୁ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ବିଷୟରେ ସଚେତନ କରାଇବା ସହ ପ୍ରଭାବିତ ପରିବାର, ସମାଜ, ଗୋଷ୍ଠି ଏବଂ ସାମାଜିକ ସାଂସ୍କୃତିକ ପରିବେଶ ଉପରେ ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ବିଷୟରେ ସୂଚନା ଦେଇଥିଲେ ।

**ପ୍ରକାଶନ ଧାରା-୬.**

ସମସ୍ତ ୦୩ ଗୋଟି ପ୍ରଭାବିତ ଗ୍ରାମର ଜନଶୁଣାଣୀ ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀକୁ ଆଇନର ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଅଛି ।

**ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୂଡାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିଶ ।**

ସଠିକ କ୍ଷତିପୂରଣ ଅଧିକାର ଏବଂ ଜମିଅଧିଗ୍ରହଣ ରେ ସ୍ୱଛତା, ଥଇଥାନ ଓ ପୁର୍ନବାସ ଆଇନ ୨୦୧୩ ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୂଡାନ୍ତ ରିପୋର୍ଟ କୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରାକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

ନିମ୍ନ ଲିଖିତ ବ୍ୟକ୍ତି ବିଶେଷ ମାନଙ୍କୁ ସ୍ଵତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳର ସଭ୍ୟ ଭାବେ ମନୋନୀତ କରାଯାଇଅଛି ।

୧. ଶ୍ରୀଯୁକ୍ତ ଲଲାଟେନ୍ଦୁ ମିଶ୍ର, ଓ.ପ୍ର.ସେ, ଜିଲ୍ଲାପାଳ, ବୌଦ୍ଧ ... ଅଧ୍ୟକ୍ଷ ।
୨. ଶ୍ରୀଯୁକ୍ତ ରମାକାନ୍ତ ସେଠୀ, ଓ.ପ୍ର.ସେ, ଅତିରିକ୍ତ-ଜିଲ୍ଲାପାଳ, ବୌଦ୍ଧ ...ସଭ୍ୟ ଆବାହକ ।
୩. ଡ.ଶାନ୍ତିରାଣୀ ଦାସ , ଅବସରପ୍ରାପ୍ତ ଅଧ୍ୟକ୍ଷା ବୌଦ୍ଧ ପଂଚାୟତ ମହାବିଦ୍ୟାଳୟ ... ସାମାଜିକ ବିଶେଷଜ୍ଞ ।
୪. ଶ୍ରୀଯୁକ୍ତ ତାରେଣି ମହାପାତ୍ର, ଓକିଲ ...ସାମାଜିକ ବିଶେଷଜ୍ଞ ।
୫. ଶ୍ରୀମତୀ ରେବତୀ ମଲିକ, ଅଧ୍ୟକ୍ଷା ପଂଚାୟତ ସମିତି ବୌଦ୍ଧ ।
୬. ଶ୍ରୀଯୁକ୍ତ ଅକ୍ରୁର ସେଠୀ, ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ବୌଦ୍ଧ ...ଗ୍ରା.ପ. ପ୍ରତିନିଧି ।
୭. ଶ୍ରୀଯୁକ୍ତ ନବକୁମାର ମିଶ୍ର, ଓକିଲ ...ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ ।
୮. ଶ୍ରୀଯୁକ୍ତ ସାକ୍ଷୀଗୋପାଳ ପ୍ରଧାନ, ଓକିଲ ...ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ ।
୯. ଶ୍ରୀଯୁକ୍ତ ଶିବପ୍ରସାଦ ମିଶ୍ର, ସହକାରୀ ଯନ୍ତ୍ରୀ, ପୂର୍ବତଟ ରେଳପଥ, ବଲାଙ୍ଗୀର ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ର ମୂଲ୍ୟାୟନ ନିମନ୍ତେ ସମିକ୍ଷା ବୈଠକ**

ଆଇନ ର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା ସ୍ଵତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଏକ ବୈଠକ ଆହ୍ଵାନ କରାଯାଇଥିଲା । ଉକ୍ତ ବୈଠକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ **ତା.୨୪.୦୭.୨୦୧୯** ରିଖ ସମୟ ଅପରାହ୍ନ ଘ.୪.୦୦ ସମୟରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ଥିବା ସଭାଗୃହ ରେ ଅନୁଷ୍ଠିତ ହୋଇଥିଲା ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ର ମୂଲ୍ୟାୟନ**

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀ କୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପର ସଂପୂର୍ଣ୍ଣ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଜମି ଅଧିଗ୍ରହଣ ରେ ପ୍ରତିକୂଳ ପ୍ରଭାବକୁ କମାଇବାକୁ ଯଥେଷ୍ଟ ପ୍ରଚେଷ୍ଟା କରାଯାଇଥିବା ବିଶେଷଜ୍ଞଦଳ ହୃଦବୋଧ କରିଥିଲେ । ଏହି ପରିପ୍ରେକ୍ଷି ରେ ଯେପରି କୌଣସି ଜନ ବସତି ବିସ୍ଥାପନ ହେବନାହିଁ ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଥିଲା । ଜନଶୁଣାଣୀ ରେ ଉତ୍ ଥାପନ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣକରି ତାହାର ସମାଧାନ ନିମନ୍ତେ ନିମ୍ନ ମତେ ଆଲୋଚନା କରାଯାଇଥିଲା ।

୧. ଆବଶ୍ୟକ ସ୍ଥଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ସେହି ଅଂଚଳରେ ଏକ ପାସେନ୍ଜର ରହଣୀ (ଷ୍ଟେସନ) ନିମନ୍ତେ ମଧ୍ୟ ପ୍ରସ୍ତାବ ଗୃହିତ ହେଲା ।
୨. ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପାଖାପାଖି ରେଳ ଲାଇନ ଅତିକ୍ରମ କରୁଥିଲେ, ସେଠାରେ ବାଡ ନିର୍ମାଣ କରିବା ପାଇଁ ମଧ୍ୟ ପ୍ରସ୍ତାବ ଗ୍ରହଣ କରାଗଲା ।
୩. ରେଳପଥରେ ପ୍ରଭାବିତ ଗ୍ରାମଗୁଡିକରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ପୁଷ୍କରଣୀ, ରାସ୍ତା, ଛୋଟପିଲାଙ୍କ ସ୍କୁଲ ଯିବାପାଇଁ ଗମନାଗମନ ବ୍ୟବସ୍ଥା ଓ ଗୃହପାଳିତ ପଶୁଙ୍କ ଚାରଣ ଭୂମିକୁ ଯିବା ନିମନ୍ତେ ଆବଶ୍ୟକ ରାସ୍ତା କରିବାପାଇଁ ରେଳବିଭାଗ କୁ ପ୍ରସ୍ତାବ ଦିଆଯାଇଅଛି ।
୪. ରେଳପଥ ରେ କ୍ଷତିଗ୍ରସ୍ଥ ହେଉଥିବା ପ୍ରଜାମାନଙ୍କ ଜମିର ଉଚିତ ବଜାର ମୂଲ୍ୟରେ କ୍ଷତିପୂରଣ ଦେବାପାଇଁ ଉପସ୍ଥିତ ଜିଲ୍ଲାପାଳ/ଅତିରିକ୍ତ- ଜିଲ୍ଲାପାଳଙ୍କ ର ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

୫. ରେଳପଥ ରେ କ୍ଷତିପୂରଣ ପାଇବାନିମନ୍ତେ ସତ୍ୱ ଲିପି ପ୍ରସ୍ତୁତ କରିବା ପାଇଁ ତହସିଲରେ ବକେୟା ଥିବା ମୋକଦ୍ଦମା ମାନ ତୁରନ୍ତ ଫଇସଲା କରିବା ପାଇଁ ଅତିରିକ୍ତ-ତହସିଲଦାର ହରଭଙ୍ଗା ଙ୍କୁ ଅତିରିକ୍ତ-ଜିଲ୍ଲାପାଳ ମହାଶୟ ନିର୍ଦ୍ଦେଶ ଦେଇଥିଲେ ।

୬. ରେଳ ପ୍ରକଳ୍ପରେ ପ୍ରଭାବିତ ହେଉଥିବା ଜଙ୍ଗଲ ଜମି ସକାଶେ କେନ୍ଦ୍ର ସରକାରଙ୍କ ଠାରୁ ଅନୁମତି ପାଇଁ ସମୟ ଲାଗୁଥିବାରୁ ତାହା କିପରି ସୁବିଧା ଉପାୟରେ କରାଯାଇ ପାରିବ ସେ ବିଷୟରେ ଆଲୋକପାତ କରି ସହକାରୀ ଯନ୍ତ୍ରୀ, ରେଳବିଭାଗ ଏବଂ ବନଖଣ୍ଡ ଅଧିକାରୀ ଦ୍ୱାରା ବିହିତ ପଦକ୍ଷେପ ନେବାକୁ ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ ଶ୍ରୀ ସାକ୍ଷୀଗୋପାଳ ପ୍ରଧାନ ଙ୍କ ପ୍ରସ୍ତାବ ଗ୍ରହଣ କରାଗଲା ।

୭. ଜମି ଅଧିଗ୍ରହଣ ପରେ କ୍ଷତିଗ୍ରସ୍ତ ଜମିମାଲିକ ମାନଙ୍କର ବଳକାଥିବା ଅନ୍ତତଃ ପକ୍ଷେ ଏ୦.୦୫୦ ଡି. ପର୍ଯ୍ୟନ୍ତ ଜମିକୁ ଅଧିକାର କରିବାପାଇଁ ଆଲୋଚନା କରାଯାଇ ପୁନର୍ବାର ଅଧିଗ୍ରହଣ କରିବାପାଇଁ ରେଳବିଭାଗ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା ।

୮. ପୂର୍ବତଟ ରେଳବିଭାଗ ପକ୍ଷରୁ ଉପସ୍ଥିତ ଥିବା ବିଭାଗୀୟ ଯନ୍ତ୍ରୀ ସଭ୍ୟମାନଙ୍କ ପ୍ରଶ୍ନ ର ଉତ୍ତରରେ ଦର୍ଶାଇଥିଲେ ଯେ ଯେଉଁ ଜାଗାରେ ଯଥା. ଜାତୀୟ ରାଜପଥ, ରାଜ୍ୟ ରାଜପଥ କିମ୍ବା ଗ୍ରାମ ପଂଚାୟତ ରାସ୍ତା ରେଳଲାଇନ ଅତିକ୍ରମ କରିବ ସେହି ଜାଗା ମାନଙ୍କରେ ତଳେ ରାସ୍ତା ବା ଉପର ପୋଲ ନିର୍ମାଣ ନିମନ୍ତେ ରେଳବିଭାଗ ବ୍ୟବସ୍ଥା କରିଥିବାର ସୂଚନା ଦେଇଥିଲେ । ସମସ୍ତ ସଭ୍ୟମାନେ ଏହି ରେଳପଥର କାର୍ଯ୍ୟ ତ୍ୱରାନିତ କରିବା ପାଇଁ ଜିଲ୍ଲା ପ୍ରଶାସନ ତଥା ଭୂ-ଅର୍ଜନ ମହା-ମଣ୍ଡଳ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ ଏବଂ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ସମୟ ସୀମା ମଧ୍ୟରେ ଭୂମି ଅଧିଗ୍ରହଣ କାର୍ଯ୍ୟ ଶେଷକରିବା ପାଇଁ ପରାମର୍ଶ ଦେଇଥିଲେ ।

ପରିଶେଷରେ ବିଶେଷଜ୍ଞଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାନ୍ଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚପ୍ରସଂଶା କରିଥିଲେ ।

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ରାଜପଥ ସଂଯୋଗିକରଣ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲେ ଏହା ପଶ୍ଚିମ ଓ ପୂର୍ବ ଓଡିଶା ମଧ୍ୟରେ ଏକ ସଂଯୋଗ ସ୍ଥାପନ କରିବା ସହିତ ପଡୋଶୀ ସୁବର୍ଣ୍ଣପୁର, ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରେ ସମସ୍ତ ସହରାଂଚଳ ଓ ଗ୍ରାମାଂଚଳ ସହ ଯୋଗାଯୋଗ ହୋଇପାରିବ । ଦୀର୍ଘ ଦିନର ପ୍ରତିକ୍ଷୀତ ରେଳପଥ ନିର୍ମାଣ ଦ୍ୱାରା ବୌଦ୍ଧ ଜିଲ୍ଲାର ବିକାଶ ସହ ଗମନାଗମନ ଓ ଶିଳ୍ପ ସଂସ୍ଥା ଗଢି ଉଠିବ ବୋଲି ମତବ୍ୟକ୍ତ କରିଥିଲେ ।

ନୂତନ ଆଇନ ଅନୁସାରେ ଜମି ଅଧିଗ୍ରହଣ ରେ ସ୍ୱଛତା, ଥଇଥାନ ଓ ପୁର୍ନବାସ ଆଇନ ୨୦୧୩ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବା ପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥାଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରେଣ କରିବା ପାଇଁ ନିଷ୍ପତି ନିଆଗଲା । ରେଳପ୍ରକଳ୍ପ ହେଉଥିବା କ୍ଷୟକ୍ଷତି ଅପେକ୍ଷା ଅଂଚଳର ଉନ୍ନତି ଅଧିକ ସହାୟକ ହେବ ବୋଲି ବିଶେଷଜ୍ଞଦଳ ହୃଦବୋଧ କଲେ ।

ଅଧ୍ୟକ୍ଷ,
ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳ, ବୌଦ୍ଧ

# ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳଙ୍କ ଉପସ୍ଥାନ ବିବରଣୀ

| କ୍ର.ନଂ. | ନାମ | ପଦବୀ | ସ୍ୱାକ୍ଷର |
|---|---|---|---|
| ୧ | ଶ୍ରୀଯୁକ୍ତ ଲଲାଟେନ୍ଦୁ ମିଶ୍ର | ଜିଲ୍ଲାପାଳ ବୌଦ୍ଧ | [signature] |
| ୨ | ଶ୍ରୀଯୁକ୍ତ ରମାକାନ୍ତ ସେଠୀ | ଅତିରିକ୍ତ ଜିଲ୍ଲାପାଳ,ବୌଦ୍ଧ | [signature] |
| ୩ | ଡ. ଶାନ୍ତିରାଣୀ ଦାସ | ଅବସରପ୍ରାପ୍ତ ଅଧ୍ୟକ୍ଷା ବୌଦ୍ଧ ପଂଚାୟତ ମହାବିଦ୍ୟାଳୟ | [signature] 24.7.19 |
| ୪ | ଶ୍ରୀଯୁକ୍ତ ତାରିଣୀ ମହାପାତ୍ର | ଓକିଲ | [signature] 24.7.19 |
| ୫ | ଶ୍ରୀମତୀ ରେବତୀ ମଲ୍ଲିକ | ଅଧ୍ୟକ୍ଷା, ପଂଚାୟତ ସମିତି, ବୌଦ୍ଧ | [signature] 24/7/19 |
| ୬ | ଶ୍ରୀଯୁକ୍ତ ଅକ୍ରୁର ସେଠୀ | ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ବୌଦ୍ଧ | [signature] 24/7/19 |
| ୭ | ଶ୍ରୀଯୁକ୍ତ ନବକୁମାର ମିଶ୍ର | ଓକିଲ | [signature] |
| ୮ | ଶ୍ରୀଯୁକ୍ତ ସାକ୍ଷୀଗୋପାଳ ପ୍ରଧାନ | ଓକିଲ | [signature] |
| ୯ | ଶ୍ରୀଯୁକ୍ତ ଶିବପ୍ରସାଦ ମିଶ୍ର | ସହକାରୀ ଯନ୍ତ୍ରୀ,ରେଳ ବିଭାଗ , ବଲାଙ୍ଗୀର | [signature] ୨୪/୭/୧୯ |